# ରେଭେନ୍ସା କଲେଜ

୧୧/୧୨/୧୯୮୮

ଗତ ସପ୍ତାହରେ ରେଭେନ୍ସା କଲେଜ ପରିସର ମଧ୍ୟରେ ଯାହା ଘଟିଗଲା ସେ ବିଷୟରେ ଚିନ୍ତା କଲାବେଳେ ଅତିଶୟ ବିବ୍ରତ ହେବାକୁ ପଡ଼େ । ଓଡ଼ିଶାର ଜାତୀୟ ଜୀବନରେ ରେଭେନ୍ସା କଲେଜର ଯେ ଏକ ବିଶେଷ ଭୂମିକା ରହିଆସିଅଛି ଏକଥା ଯେ କେହି ହେଲେ ସ୍ୱୀକାର କରିବେ । ରେଭେନ୍ସା କଲେଜ ସମ୍ପର୍କରେ ବହୁ କିମ୍ବଦନ୍ତୀ ଆମେ ପଢ଼ିଲାବେଳୁ ଶୁଣିଛୁ । ଥରେ କାଳେ ଜଣକ ନାଆଁରେ ବିଦେଶରୁ ଏକ ଚିଠି କେବଳ 'ରେଭେନ୍ସା କଲେଜ' ଲେଖାହୋଇ ଆସିଥିଲା ଏବଂ ତାସତ୍ତ୍ୱେ ଚିଠିଟି ଠିକ୍ ସମୟରେ ପ୍ରାପକଙ୍କ ପାଖରେ ପହଞ୍ଚି ପାରିଥିଲା । କୁହାଯାଏ, ରେଭେନ୍ସା କଲେଜର ଜଣେ ସାଧାରଣଛାତ୍ର ଓଡ଼ିଶାର ଜନଜୀବନରେ ନିଶ୍ଚିତ ଭାବେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ । ପ୍ରଶାସନର ଉଚ୍ଚତମ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଜ୍ଞାନ, ସାହିତ୍ୟ, ସଂସ୍କୃତି ଏବଂ ରାଜନୀତି ଏସବୁ କ୍ଷେତ୍ରରେ ଯେଉଁ କେତେଜଣ ଓଡ଼ିଆ ଆଜି ଖ୍ୟାତି ଅର୍ଜନ କରିଛନ୍ତି ସମସ୍ତେ ଦିନେନା ଦିନେ ରେଭେନ୍ସା କଲେଜ ସହିତ କୌଣସି ନା କୌଣସି ଦୃଷ୍ଟିରୁ ସମ୍ପୃକ୍ତ ଥିଲେ । ଅବଶ୍ୟ ସେତେବେଳେ ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରସାର ଆଜିପରି ଘଟିନଥିଲା । ତେଣୁ ଯେଉଁମାନେ ଉଚ୍ଚଶିକ୍ଷା ପାଉଥିଲେ ସେମାନେ ସ୍ୱାଭାବିକ ଭାବେ ରେଭେନ୍ସା କଲେଜକୁ ହି ଆସୁଥିଲେ । ତେବେ ଆଜି ଅନେକଗୁଡ଼ିଏ କଲେଜ ହୋଇଗଲା ବୋଲି ଯେ ରେଭେନ୍ସା କଲେଜ ତା'ର ଐତିହ୍ୟ, ପରମ୍ପରା ଏବଂ 'ଉତ୍କର୍ଷର ଉପାସନା' ପରି ଆଦର୍ଶକୁ ଜଳାଞ୍ଜଳି ଦେବ ତାହା ଆଦୌ ଗ୍ରହଣୀୟ ହେଉନାହିଁ ।

ବେଶି ଦୁଃଖ ଲାଗୁଛି ଏଇଥିପାଇଁ ଯେ ୪୦।୫୦ ଜଣ ଛାତ୍ର ହଠାତ୍ ଉତ୍ତ୍ୟକ୍ତ ହୋଇ କାହିଁକି ଅଧ୍ୟକ୍ଷଙ୍କ ବାସଗୃହ ଉପରେ ଚଢ଼ାଉ କଲେ, ଭଙ୍ଗାରୁଜା ଏବଂ ଜଳାପୋଡ଼ା ପର୍ଯ୍ୟନ୍ତ କଥାଗଲା, (ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅଶ୍ଳୀଳ ସ୍ଲୋଗାନ୍ ଦେବା କଥା ତ ଆଜିକାଲି ଦେହସୁହା ହୋଇଗଲାଣି)ଏ ପର୍ଯ୍ୟନ୍ତ ବି ସଠିକ୍ ଭାବେ ଏ ବିଷୟରେ କିଛି ଜଣାଗଲା ନାହିଁ । ଏ ବିଷୟରେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ କେଜାଣି କାହିଁକି ନୀରବ ରହିଲେ । ଯତେ ଯେପରି ଏ ବିଷୟରେ କିଛି କହିଲେ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ପରିସ୍ଥିତି ଆହୁରି ଭୟଙ୍କର ହୋଇଯିବ । ବିବ୍ରତତା ବଢ଼ିଯାଏ ଯେତେବେଳେ ଶୁଣିବାକୁ ପାଉ ଯେ ଏତେସବୁ

## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

କାଣ୍ଡ ଘଟିଗଲା ଅଥଚ କଟକ ପୋଲିସକୁ ନୀରବଦ୍ରଷ୍ଟା ସାଜିବା ଭିନ୍ନ ଅନ୍ୟ କୌଣସି ବିକଳ୍ପ ଦିଶିଲା ନାହିଁ । ଏହା ଆତଙ୍କବାଦର ଅନ୍ୟ ଏକ ସ୍ୱଦେଶୀ-ସଂସ୍କରଣ ନୁହେଁ ତ ଆଉ କ'ଣ ?

ଏହାର କାରଣ ସମ୍ବନ୍ଧରେ କେବଳ ଯାହା ଅନୁମାନ କରାଯାଇପାରେ । ଛାତ୍ର ସଂସଦର ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଠିକ୍ ପରେ ପରେ ଏ କାଣ୍ଡ ଘଟିଥିବା ଦୃଷ୍ଟିରୁ ହୁଏତ ନିର୍ବାଚନ ଲଢୁଥିବା କୌଣସି ପ୍ରାର୍ଥୀ ବା ଗୋଷ୍ଠୀକୁ ତା'ର ଫଳାଫଳ ସୁହାଇଲା ନାହିଁ ଏବଂ ସେମାନେ ଯୁବସୁଲଭ ପ୍ରତିକ୍ରିୟା ସ୍ୱରୂପ ସଚେତନ ଭାବେ ହେଉ ବା ଅଚେତନ ଭାବେ ହେଉ ଏପରି କାଣ୍ଡ ଭିଆଇଲେ । ନିର୍ବାଚନ ସମୟର ଉତ୍ତେଜନା ଏବଂ ଆବେଗ ବୁଝିହେଉଛି କାରଣ ଆମେ ସମସ୍ତେ ଏ ପ୍ରକାର ଆବେଗର ଶିକାର ଆମ ଯୌବନରେ ହୋଇଛୁ । କିନ୍ତୁ ଏସବୁ ଆବେଗର ପ୍ରତିଫଳନ ଯେଉଁ ପରି ଭାବରେ ହେଉଛି ତାହା ବୁଝିହେଉନାହିଁ କି ଗ୍ରହଣ କରିହେଉନାହିଁ । ଏକଥା ଏକରକମ ବିଡ଼ମ୍ବନା ପରି ଲାଗୁଛି, ଯେତେବେଳେ ଆମେ ଭୋଟଦାନର ବୟସ ସୀମା ୨୧ରୁ ୧୮ ବର୍ଷକୁ କମେଇ ଦେବା କଥା ଚିନ୍ତା କରୁଛୁ । ଆସନ୍ତାକାଲି ଏ ସମ୍ପର୍କୀୟ ବିଲ୍ ପାର୍ଲାମେଣ୍ଟରେ ଆଗତ ହେଉଛି ଏବଂ ଏ ପ୍ରକାର ଆଚରଣ ଦ୍ୱାରା ମୁଷ୍ଟିମେୟ ନେତିବାଦୀ ରକ୍ଷଣଶୀଳ ବୁଦ୍ଧିଜୀବୀ ଯୁକ୍ତି କରିବା ପାଇଁ ସୁବିଧା ସୁଯୋଗ ପାଉଛନ୍ତି ଯେ, ବୟସସୀମା କମେଇ ଦେଇ କଲେଜ ଛାତ୍ରଛାତ୍ରୀମାନଙ୍କୁ ଭୋଟଦାନର ଅଧିକାର ଦିଆ ନ ଯାଉ । ସଂଖ୍ୟାଲଘୁ ଛାତ୍ରନେତାମାନଙ୍କର ସ୍ୱାର୍ଥାନ୍ଧତା ଓ ସଂଖ୍ୟାଗରିଷ୍ଠ ଛାତ୍ର ସମାଜର ଉଦାସୀନତା ଯୋଗୁ ସମଗ୍ର ଛାତ୍ର ସମାଜ ଅପଥରେ ନିନ୍ଦିତ ହେଉଛି ।

ଗତ କେତେମାସ ଧରି ରେଭେନ୍ସା କଲେଜ ପରିସରରେ ଯେପରି ଭାବରେ ଅସାମାଜିକ ତତ୍ତ୍ୱମାନଙ୍କର ପ୍ରାଧାନ୍ୟ ବଢ଼ିଚାଲିଛି, ତାହା ମଧ୍ୟ ଅନ୍ୟ ଏକ ଚିନ୍ତାର କାରଣ । କର୍ତ୍ତୃପକ୍ଷ ସବୁ ଜାଣିଶୁଣି ନୀରବ ରହୁଛନ୍ତି କିମ୍ବା କୌଣସି କୌଣସି କାରଣରୁ ସାଲିସ କରୁଛନ୍ତି । ଏହି ନୀତି ବର୍ତ୍ତମାନ ପାଇଁ ସୁବିଧାଜନକ ମନେହେଲେ ମଧ୍ୟ ଭବିଷ୍ୟତରେ ଯେ ଯଥେଷ୍ଟ ଅସୁବିଧାର କାରଣ ହେବ— ଏହା ଦିବାଲୋକ ପରି ସ୍ପଷ୍ଟ । ତେବେ ଏ କଥା କହିବା କାହାକୁ ?